# ଧାନ ବିକ୍ରି ବାବଦରେ ଚାଷୀ ମାନଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ସୂଚନା





ଏତଦ୍‌ଦ୍ୱାରା ସମସ୍ତ ଚାଷୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି, ରାଜ୍ୟ ଯୋଗାଣ ନିଗମ ଦ୍ୱାରା ନିଜସ୍ୱ କିମ୍ବା ସମବାୟ ସମିତି / ସ୍ୱୟଂ ସହାୟକ ଗୋଷ୍ଠୀ / ପାଣି ପଞ୍ଚାୟତ ମାଧ୍ୟମରେ ଚାଷୀମାନଙ୍କଠାରୁ ଧାନ କ୍ରୟ କରିବା ପାଇଁ ବିଭିନ୍ନ ସ୍ଥାନରେ ମଣ୍ଡି ଖୋଲାଯାଇଛି । ଚାଷୀ ବିକ୍ରିଯୋଗ୍ୟ ଧାନ ବିକ୍ରୟ କରିବା ପାଇଁ ମଣ୍ଡିକୁ ଆଣୁଥିବା ସମୟରେ ନିମ୍ନ ପ୍ରଦତ୍ତ ବ୍ୟବସ୍ଥା ସମ୍ପର୍କରେ ସଚେତନ ହେବା ଆବଶ୍ୟକ ।

୧. ଚାଷୀ ନିଜ ଦାୟିତ୍ୱରେ ଧାନ ବିକ୍ରୟ ପାଇଁ ମଣ୍ଡିକୁ ଆଣିବେ ଏବଂ ଧାନ ବସ୍ତାକୁ ଗାଡ଼ିରୁ ଓହ୍ଲାଇ ମଣ୍ଡିରେ ରଖିବେ ।

୨. ମଣ୍ଡିରେ ଅନ୍ୟାନ୍ୟ **handling** କାର୍ଯ୍ୟ ସଂପୃକ୍ତ କ୍ରୟକାରୀ ସଂସ୍ଥା ଯଥା ରାଜ୍ୟ ଯୋଗାଣ ନିଗମ / ସମବାୟ ସମିତି / ସ୍ୱୟଂ ସହାୟକ ଗୋଷ୍ଠି / ପାଣି ପଞ୍ଚାୟତ କରାଇବେ ।

୩. ମଣ୍ଡିରେ କ୍ରୟ କରାଯାଇଥିବା ଧାନକୁ ଗାଡ଼ିରେ ଲଦିବା ଓ ମିଲ୍ ପର୍ଯ୍ୟନ୍ତ ବୋହିନେବା ଦାୟିତ୍ୱ ସଂପୃକ୍ତ ମିଲ୍ ମାଲିକ ତୁଲାଇବେ ।

୪. ସାଧାରଣ ଭାବେ ମିଲ୍ ମାଲିକ ମାନେ ସୋସାଇଟି ମାନଙ୍କୁ ଖାଲିବସ୍ତା ଆଗୁଆ ଯୋଗାଇବା ବ୍ୟବସ୍ଥା ଅଛି ।

୫. ଯଦି ଚାଷୀ ନିଜ ବସ୍ତାରେ ଧାନ ଆଣିଥାଏ ତେବେ କ୍ରୟ କରାଯାଇଥିବାର ଖାଲି ବସ୍ତାକୁ ଚାଷୀଙ୍କୁ ଫେରସ୍ତ ଦିଆଯିବା ବ୍ୟବସ୍ଥା ରହିଛି ।

୬. ଯଦି କୌଣସି ପରିସ୍ଥିତିରେ ଚାଷୀ ଆଣିଥିବା ବସ୍ତାରେ ଧାନକୁ ମିଲ୍ ପର୍ଯ୍ୟନ୍ତ ନେବାରେ ବ୍ୟବହାର କରାଯାଏ ତେବେ ଉକ୍ତ ଖାଲି ବସ୍ତା କିମ୍ବା ସେହି ପ୍ରକାରର ଖାଲିବସ୍ତାକୁ ପରବର୍ତ୍ତୀ ମଣ୍ଡି ଖୋଲିବାଦିନ ଚାଷୀଙ୍କୁ ଫେରାଇ ଦେବାପାଇଁ ବ୍ୟବସ୍ଥା ଅଛି ।

ଚାଷୀଭାଇମାନେ ଉପରୋକ୍ତ ବ୍ୟବସ୍ଥା ପ୍ରତି ସଚେତନ ରହି ନିଜର ଖାଲି ଅଖା ଫେରସ୍ତ ନେବେ । ଖାଲି ଅଖା ଫେରସ୍ତ ପାଇବାରେ କୌଣସି ଅସୁବିଧା ହେଲେ, ସୋସାଇଟିର ସଂପାଦକ କିମ୍ବା **Society Level Procurement Committee** କୁ ଜଣାଇବେ ।

**ସୌଜନ୍ୟ - ଓଡ଼ିଶା ରାଜ୍ୟ ଯୋଗାଣ ନିଗମ, ଭୁବନେଶ୍ୱର**